ତମାଖୁ ମୁକ୍ତ ରାଷ୍ଟ୍ର ଗଠନ ହେଉ ପ୍ରାଥମିକତା

ଭଞ୍ଜନଗର (ଅମୃତ ମିଡିଆ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତମାଖୁ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି । ଏହି ପରିପ୍ରେକ୍ଷୀ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଓଡିଶା ଆଦର୍ଶ ବିଦ୍ୟାଳୟ ଜାମଗୋରଡାରେ ତମାଖୁ ମୁକ୍ତ ବିଦ୍ୟାଳୟ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା.ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ କୁମାର ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ କ୍ଷେତମୁଣ୍ଡାଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଗାୟତ୍ରୀ ସେନାପତି ଏବଂ ଗୋଛାବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରୋଜାଲିନ ସାହୁ ଯୋଗ ଦେଇଥିଲେ । ଏଥିରେ ତମାଖୁ ସେବନ କରିବା ଦ୍ୱାରା ଶରୀର ଉପରେ

ପଡୁଥିବା କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ.ତମାଖୁ ସେବନ କରି କ୍ୟାନ୍ସର ଭଳି ମାରାତ୍ମକ ରୋଗ ବଶବର୍ତ୍ତୀ ହେଲେ ମଣିଷକୁ ଶାରୀରିକ, ମାନସିକ ଏବଂ ଆର୍ଥିକ ସ୍ତରରେ ସମ୍ପୂର୍ଣ୍ଣ ରୂପେ କ୍ଷତି ସହିବାକୁ ପଡେ । ଏଣୁ ସମସ୍ତେ ତମାଖୁ ବର୍ଜନ ନିମନ୍ତେ ସଚେତନ ହୋଇ ଅନ୍ୟକୁ ସଚେତନତା ବାର୍ତ୍ତା ପହଞ୍ଚାଇବା ନିମନ୍ତେ ସମସ୍ତେ ସବୁ ସ୍ତରରେ ଉଦ୍ୟମ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀମତୀ ସେନାପତି ଆହ୍ୱାନ ଦେଇଥିଲେ.ସେହିପରି ଜଗନ୍ନାଥପ୍ରସାଦ ବ୍ଲକ ନେହୁର ଉଚ୍ଚ ବିଦ୍ୟାଳୟ ପଞ୍ଚଭୂତି, ଜଗନ୍ନାଥପ୍ରସାଦ ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା.ଏଥିରେ ବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ରହି ତମାଖୁ ବର୍ଜନ ନିମନ୍ତେ ସଚେତନ କରିଥିଲେ ।

ରାଜ୍ୟସ୍ତରୀୟ ସୁରଭି ପାଇଁ ଦୁଇ ଦିବ୍ୟାଙ୍ଗ ଛାତ୍ର ମନୋନୀତ

ବାରିପଦା (ଅମୃତ ମିଡିଆ): ମୟୂରଭଞ୍ଜର ଜିଲ୍ଲାସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ସ୍ଥାନୀୟ ବାରିପଦାର ସହିଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଦିବ୍ୟାଙ୍ଗ ବିଭାଗରେ ଦାମୋଦର ପୁର କ୍ଲଷ୍ଟରର ବିର୍ସା ମୁଣ୍ଡା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ପବିତ୍ର କୁମାର ମୁର୍ମୁ ସଂଗୀତରେ ଏବଂ ବାଙ୍କୀଶୋଳ କ୍ଲଷ୍ଟରର ବାକ ଓ ଶ୍ରବଣ ବାଧିତଙ୍କ ସ୍ୱତନ୍ତ୍ର ବିଦ୍ୟାଳୟ, ଲକ୍ଷ୍ମୀପୋଷିର ୯ମ ଶ୍ରେଣୀର ଛାତ୍ର ଆକାଶ ଟୁଡୁ ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ଦୁହେଁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ । ଦାମଦୋରପୁର ସି ଆର ସି ସି ଧନପତି ମିଶ୍ର, ବାଙ୍କିଶୋଳ ସି ଆର ସି ସି ରାଜକିଶୋର ସେଠୀ, ବିର୍ଷାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତି ରାଣୀ ମୁର୍ମୁ, ଶିକ୍ଷକ ପ୍ରଭାତ କୁମାର ସାହୁ, ବାକ ଓ ଶ୍ରବଣ ବାଧିତ ପିଲାଙ୍କ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ମନବୋଧ ମହାନ୍ତ ଓ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦାସ ଏବଂ ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ ଏବଂ ବାରିପଦା ବ୍ଲକର ବି ଆର ଟି ଦିଲ୍ଲୀପ କୁମାର ଦାସ ଦୁଇ କୃତୀ ଦିବ୍ୟାଙ୍ଗ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସ୍ତରରେ ସଫଳତା କାମନା କରିଛନ୍ତି ।

ପୀତବାସଙ୍କ ପରିବାରକୁ ହତ୍ୟା ଧମକ

୨୪ ଘଣ୍ଟିଆ ସୁରକ୍ଷା ଦେବାକୁ ସ୍ତ୍ରୀଙ୍କ ନିବେଦନ

- ମାମଲା ପ୍ରତ୍ୟାହାର ପାଇଁ ଚାପ, ଫୋନ୍‌ରେ ଧମକ
- ଗିରଫ ଅଭିଯୁକ୍ତମାନଙ୍କୁ ଜାମିନ ନ ଦେବାକୁ ବିଚାରପତିଙ୍କୁ ଅନୁରୋଧ

ବ୍ରହ୍ମପୁର (ଅମୃତ ମିଡିଆ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ପରିବାରକୁ ୨୪ ଘଣ୍ଟିଆ ସୁରକ୍ଷା ଦିଆପିବ । ପୀତବାସଙ୍କ ଘର ଚାରିପଟେ ସାଧା ପୋଷାକଧାରୀ ପୋଲିସ ମୁତୟନ ହେବେ । ତାଙ୍କ ସ୍ତ୍ରୀଙ୍କ ପ୍ରେସମିଟ ପରେ ସୁରକ୍ଷା ଦେବାକୁ ପଦକ୍ଷେପ ନିଆଯାଇଛି ।

ଅଭିଯୁକ୍ତ ମାନଙ୍କ ତରଫରୁ ଦୁଇ ଦୁଇଥର ମାମଲା ପ୍ରତ୍ୟାହାର କରିବାକୁ ଧମକ ଦିଆଯାଇଛି । ନଚେତ ମା' ପୁଅକୁ ଜୀବନରେ ମାରିଦେବାକୁ ଧମକ ଦିଆଯାଇଛି । ବିପଦରେ ଏବେ ଆମଜୀବନ । ଆମକୁ ସୁରକ୍ଷା ସହ ନ୍ୟାୟ ପ୍ରଦାନ କରିବାକୁ ଶନିବାର ପୀତବାସଙ୍କ ସ୍ତ୍ରୀ' ସୁସ୍ମିତା ପଣ୍ଡା ତାଙ୍କ ଘରେ ଆୟୋଜିତ କରିଥିବା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଧମକ ମିଳୁଥିବା ନେଇ ଆମେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ କହିବା ସହ ଏନେଇ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛୁ । ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ବନ୍ଧୁ ବିକ୍ରମ ପଣ୍ଡା ଆମ ଘରକୁ ଆସି ଆମକୁ ସୁରକ୍ଷା ଦେବାକୁ କହିଥିଲେ । ହେଲେ କିଛିଦିନ ପରେ ସିଏ ସ୍ୱାମୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ବିକ୍ରମ ପଣ୍ଡାଙ୍କୁ ଗିରଫ କରିଥିବା ଆମେ ଜାଣିବାକୁ ପାଇଥିଲୁ । ସାଙ୍ଗ ହୋଇ

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

ସାଙ୍ଗକୁ କିପରି ସେ ହତ୍ୟା କଲେ ତାହା ଆମକୁ ଏବେ ଆଶ୍ଚର୍ଯ୍ୟ ଲାଗୁଛି । ଆମ ପରିବାର ଜୀବନ ବିପଦ ଥିବା ବେଳେ ଉକ୍ତ ମାମଲାରେ ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ନ କରିବାକୁ ସେ ବିଚାରପତିଙ୍କୁ ଅନୁରୋଧ କରିଛନ୍ତି । ଖବରଦାତା ସମ୍ମିଳନୀରେ ମୃତ ପୀତାବସଙ୍କ ବଡ ଭାଇ ପ୍ରକାଶ ପଣ୍ଡା ଓ ସାନ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ ।

ଉପନିର୍ବାଚନ ପ୍ରଚାରର ଶେଷଦିନ: ୪ଟାରୁ ନୂଆପଡ଼ା ଛାଡ଼

ନୂଆପଡ଼ା (ଅମୃତ ମିଡିଆ): ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ପ୍ରଚାରର ଶେଷଦିନ । ରବିବାର ଅପରାହ୍ନ ୪ଟାରୁ ସାଇଲେନ୍ସ ପିରିୟଡ ଲାଗୁ ହେବ । ସାଇଲେନ୍ସ ପିରିୟଡ ପୂର୍ବରୁ ସମସ୍ତ ପ୍ରଚାର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ କମିଶନର । ବାହାର ଲୋକଙ୍କୁ ନୂଆପଡ଼ା ଛାଡ଼ିବାକୁ କଡ଼ା ନିର୍ଦ୍ଦେଶାନାମା ଜାରି ହୋଇଛି । ଭୋଟିଂର ୪୮ ଘଣ୍ଟା ପୂର୍ବରୁ ନିର୍ବାଚନ କଣ୍ଟେଣ୍ଟ ପ୍ରସାରଣ ନ କରିବାକୁ ଅପିଲ ମଧ୍ୟ କରାଯାଇଛି । ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ମତଦାନ କରିବାକୁ ନିର୍ଦ୍ଦେଶାବଳୀ ଜାରି ହୋଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି ହୋଇଛି ।

ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଉତ୍ସବ

ବ୍ରହ୍ମପୁର (ଅମୃତ ମିଡିଆ): ଏହି ଐତିହାସିକ ଦିନଟି, ଆମ ସମସ୍ତଙ୍କ ପାଇଁ ଏକ ମହାସଙ୍କଳ୍ପର କ୍ଷଣ । ୧୮୭୫ ମସିହାରେ ଯେଉଁ ଚିରନ୍ତନ ବାଣୀ "ବନ୍ଦେ ମାତରମ୍" ଭାରତକୁ ଏକ ଅଖଣ୍ଡ ଶକ୍ତି ଭାବରେ ଦେଖିବାର ସ୍ୱପ୍ନ ସଞ୍ଚାର କରିଥିଲା, ଆଜି ତା'ର ୧୫୦ ବର୍ଷ ପୂର୍ତ୍ତି । ଏହା କେବଳ ମାତ୍ର ଏକ ଐତିହାସିକ ଦିନଟିଏ ନୁହେଁ; ଏହା ହେଉଛି ଆମ ପୂର୍ବପୁରୁଷ ମାନଙ୍କର ବଳିଦାନ ଏବଂ ତ୍ୟାଗରୁ ଜନ୍ମ ନେଇଥିବା ଏକ ଜାତୀୟ ସଙ୍କଳ୍ପକୁ ମନେପକାଇବାର ଦିନ । ଏହି ପରୀପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ସୁରେଶ ପାଢ଼ୀଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ଼ ଠାରେ ଏକ ବିଶାଳ ସାମୁହିକ 'ବନ୍ଦେ ମାତରମ୍' ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଋଷି ବଙ୍କିମ ଚନ୍ଦ୍ରଙ୍କ ଲେଖନୀରୁ ସୃଷ୍ଟି ହୋଇ, ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ କଣ୍ଠରେ ଶକ୍ତି ପାଇଥିବା ଏହି ଗୀତ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ମୃତ୍ୟୁଞ୍ଜୟ ମନ୍ତ୍ର ଥିଲା । 'ବନ୍ଦେ ମାତରମ୍'

ସେତେବେଳକୁ କେବଳ ଗୋଟିଏ ଗୀତ ହୋଇ ରହିନଥିଲା, ତାହା ଭାରତର ସାମୁହିକ ଆତ୍ମାର ସ୍ୱରରେ ପରିଣତ ହୋଇସାରିଥିଲା । 'ବନ୍ଦେ ମାତରମ୍' ସଙ୍ଗୀତ ସବୁଠାରୁ ଶୀତଳ ରକ୍ତକୁ ମଧ୍ୟ ଉଷ୍ମ କରିବାର ଯାଦୁକରୀ ଶକ୍ତି ଭରି ରହିଥିଲା । ରାଷ୍ଟ୍ରପ୍ରେମର ଏହି ମହାମନ୍ତ୍ର ସ୍ୱାଧୀନତା ସଂଗ୍ରାମର ଶହ ଶହ କ୍ରାନ୍ତିକାରୀଙ୍କୁ ଫାଶୀ ଖୁଣ୍ଟରେ ବିଜୟର ସ୍ମିତହାସ୍ୟ ଦେଇଥିଲା । ଯେତେବେଳେ ଇଂରେଜ ସରକାର ଏହାକୁ ନିଷିଦ୍ଧ କରିବାକୁ ଚେଷ୍ଟା କଲେ, ସେତେବେଳେ ତାହାର ପ୍ରତିଟି ଧାଡ଼ି ଭାରତୀୟମାନଙ୍କ ପାଇଁ ବଜ୍ରଶପଥ ପାଲଟିଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ, ଏହି ମହାନ ଗୀତର ଅମୃତ କାହାଣୀକୁ ସ୍ମରଣ କରି, ସମସ୍ତେ ମାତୃଭୂମିର ସାର୍ବଭୌମତ୍ୱ ଓ ଏକତା ପାଇଁ ପୁନର୍ବାର ନିଜର ଜୀବନ ସମର୍ପିତ କରିବାର ଶପଥ ନେଇଥିଲେ । 'ବନ୍ଦେ ମାତରମ୍' ଗୀତର ୧୫୦ ବର୍ଷ ପୂର୍ତ୍ତିର ଏହି ଐତିହାସିକ ଅବସରରେ ଭାରତ ସରକାରଙ୍କ ତରଫରୁ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଯାହା ଫଳରେ ଦେଶର ଯୁବ ପିଢୀ 'ସାଂସ୍କୃତିକ ରାଷ୍ଟ୍ରବାଦ' ର ଚିନ୍ତାଧାରାକୁ ଆତ୍ମିକ ଭାବରେ ଅନୁଭବ କରିପାରିବେ । ନୀଳକଣ୍ଠ ସରସ୍ୱତୀ ବିଦ୍ୟା ମନ୍ଦିରର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଉମା ମାଧବ ମହାନ୍ତି ଉପସ୍ଥିତ ଥିବା ଜନସାଧାରଣଙ୍କୁ ସାମୁହିକ 'ବନ୍ଦେ ମାତରମ୍' ସଙ୍ଗୀତ ଗାନ କରାଇଥିଲେ । ଏହି ଅବସରରେ ଜିଲ୍ଲା ସଭାପତି ସରୋଜ ସାବତ,ବ୍ରହ୍ମପୁର ସାଂସଦ ଡ଼ା ପ୍ରଦୀପ ପାଣିଗ୍ରାହୀ,ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା,ରାଜ୍ୟ ପ୍ରବକ୍ତା ଟି.ଗୋପି,ବରିଷ୍ଠ ନେତା ସୁନିଲ କୁମାର ସାହୁ,ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ,ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ଗଙ୍ଗାଧର ଶତପଥୀ, ଜିଲ୍ଲା ସମ୍ପାଦକ ପଦ୍ମଚରଣ ସାହୁ, ବାଳକୃଷ୍ଣ ସାମନ୍ତରା,ଏସ୍.ରାଣୀ,ରତ୍ନଗର୍ଭା ସରସ୍ୱତୀ ଦେବୀ, କର୍ପୋରେଟର ବନିତା ସାହୁ,ଶିବ ପ୍ରସାଦ ଦାସ,ଶରତ ପଟ୍ଟନାୟକ,ବନମାଳୀ ସେଠୀ, ପ୍ରଦୀପ ନାୟକ, କୀର୍ତ୍ତନ ଦାସ,ବନ୍ଦ୍ର ନାୟକ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର,ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମାୟାନନ୍ଦ ଦାସ,ଗୌରୀ ସାମନ୍ତରା,ରଜତ ପଣ୍ଡିତ,ପ୍ରଦୀପ ମିଶ୍ର,ବର୍ଷା ବିଦ୍ୟୁସ୍ମିତା,ସ୍ମିତାଲି ସ୍ମିପ୍ତା ପାତ୍ର,ସରୋଜ ପାତ୍ର,ଆଲୋକ କୁମାର ସାହୁ,ସାଗର ପାତ୍ର,ଏସ୍.ଶ୍ରୀନିବାସ ପ୍ରମୁଖ ଦଳୀୟ ନେତୃବୃନ୍ଦ,ସହରର ବିଭିନ୍ନ ସଂଗଠନର ନେତୃବୃନ୍ଦ,ବୁଦ୍ଧିଜୀବୀଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଗର୍ବ ଓ ଦେଶପ୍ରେମର ସହ ଯୋଗ ଦେଇଥିଲେ ।

ବେଆଇନ ମୋରମ ଆଣିବା ଅଭିଯୋଗରେ ୪ ଗାଡି ଜବତ

ଦଶପଲ୍ଲା (ଅମୃତ ମିଡିଆ): ଦିନକୁ ଦିନ ଦଶପଲ୍ଲା ରେ ବେଆଇନ ମୋରମ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଦଶପଲ୍ଲା ପୋଲିସ ପକ୍ଷରୁ ଶନିବାର ବେଆଇନ ମୋରମ ଆଣିବା ଅଭିଯୋଗରେ ନଛିପୁରଠାରୁ ୩ଟି ଟ୍ରାକ୍ଟର ଏବଂ ଏକ ଜେସିବିକୁ ଜବତ କରାଯାଇଥିବା ଜଣାପଡିଛି । ଗାଡିଗୁଡିକୁ ଦଶପଲ୍ଲା ଥାନାକୁ ଅଣାଯାଇଥିବା ଆଇଆଇସି ବିନୟ ରଞ୍ଜନ ପରିଡା ସୂଚନା ଦେଇଛନ୍ତି ।

ଜନସେବା କେନ୍ଦ୍ରରୁ ଚୋରି

ଖଜୁରିପଡା (ଅମୃତ ମିଡିଆ): ଖଜୁରୀପଡା ଥାନା ଅଞ୍ଚଳରେ କିଛି ଦିନର ନୀରବତା ପରେ ଚୋରମାନେ ପୁଣି ସକ୍ରିୟ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଗୁରୁରିଠାରେ ଏକ ଜନସେବା କେନ୍ଦ୍ରରେ ଚୋରମାନେ ପଶି କମ୍ପ୍ୟୁଟର, ଲାପଟପ୍ ହୋମ ଥିଏଟର, ଗ୍ୟାସ୍ ହାଣ୍ଡି ସବୁ ଚୋରି କରିଥିବା ନେଇ ମାଲିକ ସୁନିଲ ଜାନି ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ କେସ୍ ନଂ. ୨୪୮/ ୨୫ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଏସ୍ଆଇ ଦିନବନ୍ଧୁ ପ୍ରଧାନ ସୂଚନା ଦେଇଛନ୍ତି ।

ସରକାରୀ ଜମି ଜବରଦଖଲ: ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅଧିକାରୀଙ୍କ ଫୁ

ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ): ସରକାରୀ ଜମିରୁ ଜବରଦଖଲ ଓ ଏହାର ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରସଙ୍ଗକୁ ସରକାର ପ୍ରାଥମିକତା ଦେଇ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ଫଳପ୍ରଦ ପଦକ୍ଷେପ ନିଆଯାଉଛି ବୋଲି ଅକ୍ଟୋବର ୨୯ରେ ଏକ ଜନସ୍ୱାର୍ଥ ମାମଲାରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦର୍ଶାଯାଇଛି । ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର କେତେଜଣ ଦୁର୍ନୀତି ଖୋର ଅଧିକାରୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ବହୁ ମୂଲ୍ୟବାନ୍ ସରକାରୀ ଜମି ଜବରଦଖଲ କରାଯାଇ ବେଆଇନ ଭାବେ ଲୋକେ ନିଜ ନାମରେ କରି ନେଉଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅଧିକାରୀମାନେ ଫୁ କରି ଉଡ଼ାଇ ଦେଉଛନ୍ତି । ଜବରଦଖଲ ଥିବା ବିଭାଗୀୟ ଜାଗାକୁ ସରକାରୀ ଅଧୀନକୁ ଆଣିବାକୁ ମାଲି ମକଦ୍ଦମା ହେଉଥିଲେ ମଧ୍ୟ ପ୍ରମାଣ ଅଭାବରୁ ବାଦ୍ ଦିଆଯାଇ ଜବରଦଖଲକାରୀଙ୍କ ସପକ୍ଷରେ ଆଦେଶ ହେଉଛି । ଏପରି ପଟ୍ଟାମୁଣ୍ଡାଇ ସହରରେ ସରକାରୀ ଜମି ଜବରଦଖଲ ବଢ଼ି ଚାଲିଥିବା ବେଳେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ପଟ୍ଟାମୁଣ୍ଡାଇ ତହସିଲ କି ପୌର କାର୍ଯ୍ୟାଳୟର ଉଦାସୀନତା ପାଇଁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ଜନ ଅସନ୍ତୋଷ ବୃଦ୍ଧି ପାଇଛି ।



ଆଇନଜୀବୀ ଶତ୍ରୁଜିତ ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ବହୁ ମୂଲ୍ୟବାନ୍ ସରକାରୀ ଜମି ବିଭିନ୍ନ ସାମାଜିକ ସଂସ୍ଥା ଆଳରେ ଜମି ବ୍ୟବସାୟୀମାନେ କବ୍‌ଜା କରି ନେଉଛନ୍ତି । ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସରକାରୀ ନିଷିଦ୍ଧାଞ୍ଚଳ ଫଳକକୁ ବି ଓପାଡ଼ି ଫୋପାଡ଼ି ଦେଉଛନ୍ତି । ସରକାରୀ ଜମିକୁ ଜବରଦଖଲ କଲା ପରେ ଘର କରି ବିକ୍ରି କରିଚାଲିଛନ୍ତି । ରାସ୍ତା ଉପରେ ବି ଘର କରି ଭଡ଼ା ଲଗାଯାଉଛି । ଯିଏ ପ୍ରତିବାଦ କରୁଛନ୍ତି ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆଯାଉଛି । ସାବିକ ନକ୍ସାରେ ବିଭାଗୀୟ କାର୍ଯ୍ୟାଳୟ ଓ ରାସ୍ତା ଅଛି । ମାତ୍ର ହାଲ୍ ?ରେ କେତେଜଣ କୁଚକ୍ରୀ ଚକବନ୍ଦୀ ଓ ତହସିଲ ଅଧିକାରୀ ସରକାରୀ ଜାଗାଗୁଡିକୁ ଜମି ବ୍ୟବସାୟୀଙ୍କ ଅଧୀନକୁ ଟେକି ଦେଇଛନ୍ତି । ଅନ୍ୟପକ୍ଷରେ ସେ ଅଧିକାରୀ ନିଜନିଜ ନାମରେ ଜମି ଜବରଦଖଲ କରି ରଖିଛନ୍ତି । ଏ ନେଇ ପ୍ରଶାସନ ପାଖରେ ସବୁ ଖବର ରହିଥିଲେ ମଧ୍ୟ ସରକାରୀ ବାବୁମାନେ ଚୁପ୍ ହୋଇ ବସି ରହୁଛନ୍ତି । ପରିଣାମ ସ୍ୱରୂପ ସରକାରୀ ଜମି ଶାଗମାଛ ଦରରେ ବିକ୍ରି ଚାଲିଛି । ସାମଜିକ କର୍ମୀ ଅନନ୍ତ ଦାଶ, କ୍ଷୀରୋଦ ମଲିକ, ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ୧୯୮୦ ମସିହାରେ ହୋଇଥିବା ବନ୍ଦୋବସ୍ତରେ କେତେଜଣ ପ୍ରଭାବଶାଳୀ ଲୋକ ସ୍ଥାନୀୟ ତହସିଲଦାର ଓ ଚକବନ୍ଦୀର ଜଣେ ଅମିନଙ୍କୁ ହାତକରି ବହୁ ଏକର ସରକାରୀ ଜମି ନିଜ ନାମରେ କରାଇ ନେଇଛନ୍ତି । ବିଶେଷକରି ପୋତା ଗୋବରୀ ନଦୀ କିସମ ଥିବାବେଳେ ଏହା କିପରି ନାମକୁ ଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପରପକ୍ଷରେ ଅକ୍ଟୋବର ୨୯ରେ ଯାଜପୁରର ଦର୍ପଣ ତହସିଲ ଅଞ୍ଚଳର ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ (ଏଜିଏ) ଦେବାଶିଷ ତ୍ରିପାଠୀ ଦର୍ଶାଇଥିଲେ, ସରକାରୀ ଜମି ଜବରଦଖଲ ପ୍ରସଙ୍ଗରେ ରାଜ୍ୟ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି । ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଓ ଏହାର ନିରାକରଣ ପାଇଁ ସରକାର ନୂଆନୀତି ପ୍ରଣୟନ କରିଛନ୍ତି । ଆହ୍ୱନ ପ୍ଲାନ୍ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ଅଗଷ୍ଟ ୨୨ରେ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ସେ ଦର୍ଶାଇଥିଲେ । ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପରିବହନ ବିଭାଗ ରାସ୍ତା, ପୂର୍ତ୍ତ ବିଭାଗ ଜାଗା, ବିଦ୍ୟୁତ୍, ରାଜସ୍ୱ, ନଦୀ, ଜଳାଶୟ, ଅନାବାଦୀ, ଗୋଚର, ରଖିତ ଓ ଶ୍ମଶାନ ଜାଗା ଜବରଦଖଲରେ ଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାପାଳ କି